## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି, ୨।୩(ଗିରିଧାରୀ ପରିଛା)

ରେଳ ଧାରଣାରେ ବିଶାଖାପାଟଣା ଗୁଣୁପୁର ପାସେଞ୍ଜର ଟ୍ରେନରେ କଟି ମୃତ୍ୟୁବରଣ କରିଥିବା ଜଣେ ଯୁବକଙ୍କ ମୃତଦେହକୁ ରେଳବାଇ ପୋଲିସ ରବିବାର ଅପରାହ୍ନରେ ଜବତ କରିଛି। ମୃତକ ଜଣକ ସ୍ଥାନୀୟ ଓଡିଆ ସାହିର ଗୋପାଳ ଜେନା (୫୨) ବୋଲି ଜଣାପଡିଛି। ସେ ପାରିବାରିକ କଳହରୁ ଜୀବନ ହାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ବ୍ୟବଚ୍ଛେଦ କରାଇଛି।

### ପୋତି ହୋଇଛି ମାଛଧରା ଜେଟି ମୁହାଣ

ଛତ୍ରପୁର, ୨।୩(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟରେ ଥିବା ମତ୍ସ୍ୟ ବିଭାଗର ମାଛଧରା ଜେଟି ମୁହାଣ ପୋତି ହୋଇଯାଇଛି । ଏଥିଲାଗି ମତ୍ସ୍ୟଜୀବୀ ମାଛ ଧରି ପାଇଁ ଡଙ୍ଗାରେ ସମୁଦ୍ର କୂଳକୁ ଆସି ପାରୁନାହାନ୍ତି । ଜୁଆରରେ ଡଙ୍ଗା ଭାଙ୍ଗିବା ସହ ମାଛ ନଷ୍ଟ ହେଉଛି । ମତ୍ସ୍ୟଜୀବୀମାନେ ଆହତ ହେଉଥିବା ଅନେକ ସମୟରେ ଦେଖାଯାଉଛି। ଯଦ୍ୱାରା ଜୀବନ ଜୀବିକା ବିଶେଷ ପ୍ରଭାବିତ ହୋଇଛି। ପରିବାର ଚଳାଇବା ପାଇଁ ବହୁ ମତ୍ସ୍ୟଜୀବୀଙ୍କୁ ଗାଁ ଛାଡି ଗୋଆ, କେରଳ, ମୁମ୍ବାଇ, ଚେନ୍ନାଇ ଆଦି ସ୍ଥାନକୁ ଯାଇ ସେଠାରେ ଫିସିଂ ହାର୍ବରରେ କାମ କରିବାକୁ ପଡୁଛି।

ଏବେ ଯେଉଁ ମାଛଧରା ଜେଟି ଗୋପାଳପୁର ପୋର୍ଟ ପରିସରରେ ଅଛି, ମୁହାଣ ପୋତି ହୋଇଯିବାରୁ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଡଙ୍ଗା ଗୁଡିକୁ ସୁରକ୍ଷିତ ସ୍ଥାନକୁ ଆଣିବାରେ ଅସୁବିଧା ହେଉଛି। ଏହି ମୁହାଣକୁ ଖନନ କରିବା ପାଇଁ ପୋର୍ଟକୁ ଦୀର୍ଘ ବର୍ଷ ହେଲା ବିଭିନ୍ନ ସମୟରେ ସରକାର ନିର୍ଦ୍ଦେଶ ଦେଉଥିଲେ ମଧ ଏହା ଖନନ କରାଯାଉନି । ବାରମ୍ବାର ଏ ନେଇ ପ୍ରତିଶ୍ରୁତି ମିଳୁଛି, ହେଲେ ସମସ୍ୟା ସମାଧାନ ହୋଇପାରୁନି। ଏଥିସହ ଏଠାରେ ସମୁଦ୍ର କୂଳ ଖାଉଥିବାରୁ ଲୋକେ ବିପଦର ସମ୍ମୁଖୀନ ହେଉଛନ୍ତି। ସମୁଦ୍ର କୂଳ ଖାଇ ଆର୍ଯ୍ୟପଲି ପଞ୍ଚାୟତର ବିଭିନ୍ନ ଗାଁ ଆଡ଼କୁ ମାଡି ଆସୁଥିବା ଦେଖାଯାଉଛି । ଏହାର ନିରାକରଣ ଲାଗି ସମୁଦ୍ରରେ ପଥର ବନ୍ଧେଇ ଜରୁରୀ ହୋଇପଡିଛି। ମାଛଧରା ଜେଟିର ସମୁଦ୍ର ମୁହାଣ ଖନନ କରିବା ଏବଂ ଉପକୂଳ ସୁରକ୍ଷା ପାଇଁ ସମୁଦ୍ରରେ ପଥର ବନ୍ଧେଇ କରିବା ଦାବି ନେଇ ସାନ ଆର୍ଯ୍ୟପଲିର ଶ୍ରୀମୁତ୍ୟାଲୁ ପୋଲାମ୍ମା ଗ୍ରାମ୍ୟ କମିଟି ପକ୍ଷରୁ ଜିଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନି। ପୁଣି ଗତ ୨୫ ତାରିଖରେ ଲିଖିତ ଭାବେ ଅବଗତ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ୟା ସମାଧାନ କରା ନଗଲେ ଆନ୍ଦୋଳନ କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଛି। ଅପରପକ୍ଷରେ ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ର କୂଳରେ ହେବାକୁ ଥିବା ମାଛଧରା ଜେଟି (ଫିସିଂ ହାର୍ବର) ନିର୍ମାଣ ପ୍ରସ୍ତାବରେ ଅଟକି ରହିଛି। ସୂଚନାଯୋଗ୍ୟ, ସାନଆର୍ଯ୍ୟପଲ୍ଲୀ, ବଡ ଆର୍ଯ୍ୟପଲ୍ଲୀ ମଧ୍ୟରେ ଏକ ମାଛଧରା ଜେଟି ନିର୍ମାଣ ଲାଗି ପରିକଳ୍ପନା କରାଯାଇଥିଲା । ଏଥିପାଇଁ ବାରମ୍ବାର ଦେଶର ବିଭିନ୍ନ ସ୍ଥାନରୁ ବିଶେଷଜ୍ଞ ଟିମ ଆସି ସର୍ଭେ କରିଛନ୍ତି।

# ବୃହତ୍ ସିମେଣ୍ଟ ଉଦ୍ୟୋଗ ସ୍ଥାପନ କରିବ ଡାଲମିଆ, ଅମ୍ବୁଜା

## ମତ୍ସ୍ୟ, ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ମାଲକାନଗିରି, ୨।୩(ଦୁର୍ଯ୍ୟୋଧନ ପାତ୍ର)



ସମୀକ୍ଷା ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍ପି ବଳଭଦ୍ର ମାଝୀ ଓ ଅନ୍ୟମାନେ ।

ମାଲକାନଗିରି ଜିଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମନ୍ତ୍ରୀ ଅନୁସୂଚିତ ଜନଜାତି ଓ ଜାତି, ସମସ୍ତ ବିଦ୍ୟାଳୟ ଭିତିଭୂମି ସୁଦୃଢ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାର ମାନବୃଦ୍ଧି, ନିରନ୍ତର ଭାବେ ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ ଓ ଛାତ୍ରୀଙ୍କ ସୁରକ୍ଷା ଇତ୍ୟାଦି ଉପରେ ଧ୍ୟାନ ଦେବା ପାଇଁ କୁହାଯାଇଛି। ଉଚ୍ଚ ଶିକ୍ଷାରେ ବିକାଶ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏମ୍ଏସ୍ଏମ୍ଇ ବିଭାଗକୁ ମଧ ଜିଲାରେ କ୍ଷୁଦ୍ର ଓ ମଧମ ଉଦ୍ୟୋଗ ସ୍ଥିତି ବିଷୟରେ ବୁଝିଥିଲେ। ଜିଲାରେ ଡାଲମିଆ ଓ ଆମ୍ବୁଜା ପକ୍ଷରୁ ଦୁଇଟି ବୃହତ ସିମେଣ୍ଟ ଉଦ୍ୟୋଗ ସ୍ଥାପନ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ ଭିତିଭୂମି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ସହ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାମ ତରାନ୍ୱିତ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି।

ସେହିପରି ଜଙ୍ଗଲ ନିଆଁ ରୋକିବା ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ କେତେ ହିତାଧିକାରୀ ଉପକୃତ ହୋଇଛନ୍ତି ସେ ବିଷୟରେ ମନ୍ତ୍ରୀ ବୁଝିଥିଲେ। ପିଏମ୍ ଜନମନ ଯୋଜନାରେ ଜିଲାର ଦୁଇ ଆଦିମ ବଣ୍ଡା ଓ ଦିଦାୟୀ ଜନଜାତିଙ୍କୁ ଆବାସ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୂଚନା ଦେଇଥିଲେ। ମତ୍ସ୍ୟ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଜିଲା ସ୍ୱାବଲମ୍ବୀ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଅଧିକ ଗୋପାଳନ ଓ ଛେଳି ପାଳନ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ସାମାଜିକ ସୁରକ୍ଷା ବିଭାଗକୁ ପେନସନ୍ ସୁବିଧା ଓ ଜିଲା ମଙ୍ଗଳ ବିଭାଗକୁ ସୁଭଦ୍ରା ଯୋଜନା ବିଷୟରେ ବୁଝିଥିଲେ। ଜିଲାରେ ୧ ଲକ୍ଷ ୪୮ ହଜାର ୭୦୯ ସୁଭଦ୍ରା ଦରଖାସ୍ତ ଗ୍ରହଣ କରାଯାଇଛି। ସେଥିରୁ ୧ ଲକ୍ଷ ୩୪ ହଜାର ୬୧୦ ଜଣଙ୍କୁ ସୁଭଦ୍ରା ଟଙ୍କା ମିଳିଛି। ସେହିପରି ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଓ ବିଦ୍ୟୁତ୍ ବିଭାଗ ସହ ମଧ ଆଲୋଚନା କରାଯାଇଛି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡ. ବାଦଲ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଞ୍ଚାସୀନ ଥିଲେ । ଶେଷରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ର ବଜେଟ-୨୦୨୫ରୁ ଓଡ଼ିଶା ପାଇବ ସିଂହ ଭାଗ: ମନ୍ତ୍ରୀ ମଲ୍ଲିକ

ମାଲକାନଗିରି, ୨।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଭାଜପା ତରଫରୁ ସ୍ଥାନୀୟ ପାର୍ଟି କାର୍ଯ୍ୟାଳୟ ଗୃହରେ କେନ୍ଦ୍ର ବଜେଟ-୨୦୨୫ରୁ ଓଡିଶା ସିଂହ ଭାଗ ପାଇ ବୋଲି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜିଲା ଭାଜପା ସଭାପତି ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ ଓ ମାଲକାନଗିରି ବିଧାୟକ ନରସିଂହ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ମଲ୍ଲିକ କହିଥିଲେ, ଚଳିତ ବର୍ଷ ଏକ ଐତିହାସିକ, ଦୂରଦୃଷ୍ଟିସମ୍ପନ୍ନ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ବଜେଟ୍ ଉପସ୍ଥାପନ ହୋଇଛି। ୨୦୩୬ ସୁଦ୍ଧା ଓଡିଶା ଭାଷା ଭିତିକ ରାଜ୍ୟ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ଶହେବର୍ଷ ପୂରଣ କରିବ ।

ଓଡିଶା ପାଇଁ ବଜେଟରେ ଅଙ୍ଗନୱାଡି ଓ ପୋଷଣ ୨.୦ କାର୍ଯ୍ୟକ୍ରମରେ ୩୬ ଲକ୍ଷରୁ ଅଧିକ ଶିଶୁ, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା'ଙ୍କୁ ପୋଷଣ ସହାୟତା ପ୍ରଦାନ କରାଯିବ। ଫଳରେ ଅପପୁଷ୍ଟି, କୁପୋଷଣ ଓ ରକ୍ତହୀନତା ହ୍ରାସ ପାଇବ। ସେହିପରି ଶିକ୍ଷା କ୍ଷେତ୍ରରେ ୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟଗୁଡିକରେ ୫୦ ହଜାର ଅଟଳ ଲ୍ୟାବ୍ ପ୍ରତିଷ୍ଠା କରାଯିବ । ଓଡିଶାରେ ୮୬୩ ଅଟଳ ଲ୍ୟାବ ରହିଛି। ଇଣ୍ଟରନେଟ ଓ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ନ ଥିବା ୩୬୫୯ ସରକାରୀ ମାଧମିକ ବିଦ୍ୟାଳୟ ଓ ଗ୍ରାମାଞ୍ଚଳର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ ଦିଆଯିବ। ଓଡିଆ ଭାଷାର ପ୍ରଚାରପ୍ରସାର ପାଇଁ ଡିଜିଟାଲ ବହି ଯୋଗାଣ, ଆଇଆଇଟିରେ ବୈଷୟିକ ଗବେଷଣା ପାଇଁ ୧୦ ହଜାର ଫେଲୋସିପ୍ ପ୍ରଦାନ କରାଯିବ । ସେହିପରି ଆସନ୍ତା ବର୍ଷରୁ ୧୦ ହଜାର ସିଟ୍ ମେଡିକାଲ କଲେଜରେ ଯୋଡା ହେବ। ଫଳରେ ବିଭିନ୍ନ ଜିଲାରେ ମେଡିକାଲ କଲେଜ ଖୋଲିବା ଦିଗରେ ସହାୟକ ହେବ। ଦକ୍ଷତା ବିକାଶ କ୍ଷେତ୍ରରେ ଯୁବପିଢିଙ୍କୁ ଦକ୍ଷ କରିବା ପାଇଁ ଜାତୀୟ ଦକ୍ଷତା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। କୃଷି କ୍ଷେତ୍ରରେ ପିଏମ୍ ଧନଜନ୍ ଯୋଜନାରେ କୃଷି ଜିଲା କାର୍ଯ୍ୟକ୍ରମରେ ୧୦୦ ଜିଲାକୁ ସାମିଲ କରାଯିବ। ସାମୁଦ୍ରିକ ବନ୍ଦରର ବିକାଶ, ନୂତନ ବନ୍ଦର ପ୍ରତିଷ୍ଠା, ବାଣିଜ୍ୟକୁ ତରାନ୍ୱିତ କରାଯିବ। ସହରର ପାନୀୟ ଜଳ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ। ଖଣି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦାର୍ଥ ତଥା ଖଣି ବର୍ଜ୍ୟବସ୍ତୁର ପୁନରୁଦ୍ଧାର ହେବ ବୋଲି ସୂଚନା ଦେଇଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋରୁକୋଣ୍ଡା, ୨।୩(ଶିବଦତ୍ତ ସାହୁ)


ଶିବିରରେ ଡାକ୍ତର ପରୀକ୍ଷା କରୁଛନ୍ତି ।

କୋରୁକୋଣ୍ଡା ବ୍ଲକ ବାଲିମେଲା ଏନ୍ଏସି କଲ୍ୟାଣ ମଣ୍ଡପ ପରିସରରେ ରବିବାର ଏନ୍ଏସିସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭିନ୍ନକ୍ଷମଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲା। ଅତିଥି ଭାବେ ମାଲକାନଗିରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଏନ୍ଏସି ଅଧକ୍ଷ ପ୍ରଦୀପ ନାୟକ, ଉପାଧକ୍ଷା ରଶ୍ମିତା ବାଙ୍କା ଓ ଦିବ୍ୟାଙ୍ଗ ସଂଘ ସଭାପତି ଜଗଜୀବନ ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏନ୍ଏସିରୁ ଶତାଧିକ ଲୋକେ ଏଥିରେ ଯୋଗଦେଇ ନାମ ପଞ୍ଜୀକରଣ କରି ପରୀକ୍ଷା କରାଇଥିଲେ। କଲ୍ୟାଣମଣ୍ଡପ ପ୍ରକୋଷ୍ଠରେ ୫ଟି ବିଭାଗର ପରୀକ୍ଷା କରାଯାଇଥିଲା। ବୌଦ୍ଧିକ ବାଧିତ ବିଭାଗରେ ଡାକ୍ତର ଅଭିଦ ହୁସେନ, ଅସ୍ଥିଶଲ୍ୟ, ଶ୍ରବଣ ବାଧିତ ବିଭାଗରେ ଡାକ୍ତର ସମୀର କୁମାର ଗୋଲଦାର, ଦୃଷ୍ଟି ବାଧିତରେ ଡାକ୍ତର ସଞ୍ଜୀବ କର ଏବଂ ସାଧାରଣ ସ୍ୱାସ୍ଥ୍ୟ ବିଭାଗରେ ଡା. ପ୍ରଫୁଲ୍ଲ ବେହେରା ଓ ଡା. ସୁବ୍ରତ ଜେନା ପରୀକ୍ଷା କରିଥିଲେ।

କାର୍ଯ୍ୟକ୍ରମକୁ ମାଲକାନଗିରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀଙ୍କ ଉପସ୍ଥିତିରେ କରାଯାଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ସହକାରୀ କର୍ମୀ ସୁକାନ୍ତ କୁମାର ସାହୁ। ଶିବିର ହେବା ଦ୍ୱାରା ବହୁ ଭିନ୍ନକ୍ଷମ ବ୍ୟକ୍ତି ନିଜ ନିଜର ସାର୍ଟିଫିକେଟ ପାଇପାରିବେ ବୋଲି ମତବ୍ୟକ୍ତ କରିଛନ୍ତି। ମୂକ ବଧିରରେ ୨୪, ରକ୍ତ ହୀନତାରେ ୨୧, ଚକ୍ଷୁରେ ୨୫, ଚଳପ୍ରଚଳ ବାଧା ୭୧, ମାନସିକ ସ୍ୱାସ୍ଥ୍ୟରେ ୭ ଜଣ ପଞ୍ଜୀକରଣ କରିଥିଲେ। ବସ୍ ପାସ୍ ୩୫ ଜଣ, ମଧୁବାବୁ ଭତ୍ତା ୧, ଦିବ୍ୟାଙ୍ଗ ପ୍ରମାଣପତ୍ର ୪୦, ତିନିଚକିଆ ଯାନ ୪ ଓ ଦିବ୍ୟାଙ୍ଗ ବିବାହ ଦମ୍ପତିଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ।

# ମୃତକ ପରିବାରକୁ ସହାୟତା ଦେଲା ବ୍ଲକ ପ୍ରଶାସନ

ରମ୍ଭା, ୨।୩(ବନବାସୀ ସେଠୀ)

ରମ୍ଭା ପନ୍ଦରା ସାହିର ଅଟୋ ଚାଳକ ଅଶୋକ ସେନାପତିଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ରବିବାର ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ବିଧାୟକ ନାୟକଙ୍କ ପରାମର୍ଶରେ ବ୍ଲକ ପ୍ରଶାସନ ପକ୍ଷରୁ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସୁଶୀଲ ପଣ୍ଡା ଓ ସହକର୍ମୀ ମୃତକଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି ଅଶୋକଙ୍କ ସ୍ତ୍ରୀ ପୂଜା ପରିଡାଙ୍କୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ସାନରାମଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ, ମଣ୍ଡଳ ସଭାପତି ସିମାଞ୍ଚଳ ବାଡତ୍ୟା, ରମ୍ଭା ଏନଏସି ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ଘନଶ୍ୟାମ ବେହେରା, କେଦାର ବାରିକ, ଦିଲ୍ଲୀପ ନାୟକ, ଦିବାକର ତରେଇ, ଗୁନା ବାଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦ ତାରିଖରେ ଅଶୋକ ଅଟୋରେ ଯାତ୍ରୀଧରି ଧରି ଯାଉଥିବା ବେଳେ ପାନନୂଆଁ ଗାଁ ପାଖରେ ଏକ କାର ଅଟୋକୁ ଧକ୍କା ଦେଇଥିଲା।

# ଅସହାୟ ମହିଳାଙ୍କୁ ଡାକ୍ତରଖାନା ନେଲେ ସରପଞ୍ଚ, ସାମାଜିକକର୍ମୀ


ଅସୁସ୍ଥ ଥିବା ମହିଳାଙ୍କୁ ହସ୍‌ପିଟାଲ ନେବାଲାଗି ଗାଡିପାଖକୁ ନିଆଯାଉଛି।

## ମେକା ପଞ୍ଚାୟତ

ମାଥିଲି, ୨।୩(ସୁବାସ ଚନ୍ଦ୍ର ଖୁଡୁପିଆ)

ମେକା ପଞ୍ଚାୟତ ସରପଞ୍ଚ ରଞ୍ଜିତା ପୂଜାରୀ ଓ ସାମାଜିକକର୍ମୀ ସଦାଶିବ ପୂଜାରୀ ବିଭିନ୍ନ ୱାର୍ଡର ମୌଳିକ ସମସ୍ୟାର ସୁବିଧା ଓ ଅସୁବିଧା ବୁଝିବା ପାଇଁ ଲୋକଙ୍କ ନିକଟକୁ ଯିବା ସମୟରେ ପାନଡ୍ରିଗୁଡା ଗ୍ରାମର ଜଣେ ଅସହାୟ ମହିଳାଙ୍କୁ ଅସୁସ୍ଥ ଅବସ୍ଥାରେ ଦେଖିଥିଲେ। ସେ ତୁରନ୍ତ ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଚିକିତ୍ସକ ତାଙ୍କ ଅବସ୍ଥା ଗୁରୁତର ଥିବା ଦେଖି କୋରାପୁଟ ଜିଲା ଚିକିତ୍ସାଳୟକୁ ରେଫର୍ କରିଥିଲେ। ତା'ପରେ ସାମାଜିକକର୍ମୀ ସଦାଶିବ ପୂଜାରୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କଲେ କିନ୍ତୁ ଆମ୍ବୁଲାନ୍ସ ଆସିବା ବିଳମ୍ବ ଜାଣି ସେ ନିଜ ଗାଡ଼ିରେ ତାଙ୍କୁ ନେଇ ତୁରନ୍ତ କୋରାପୁଟ ଡିଏଚ୍ଏଚ୍‌ରେ ପହଞ୍ଚାଇ ଡାକ୍ତରଙ୍କ ସହ ତାଙ୍କ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଡାକ୍ତର ଉତ୍ତମ ଚିକିତ୍ସା ସୁବିଧା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅସହାୟଙ୍କୁ ସବୁ ସମୟରେ ସହଯୋଗ କରିବାକୁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ପୂଜାରୀ କହିଛନ୍ତି।

# କାଗଜପତ୍ର ଯାଞ୍ଚ ପରେ ମାମଲା ରୁଜୁ ହେବ: ଆର୍‌ଟିଓ

## ଅଙ୍ଗନୱାଡି କର୍ମୀଙ୍କ ଉପରକୁ ଓଏସ୍ଆର୍‌ଟିସି ବସ୍ ମାଡିଯିବା ଘଟଣା

- ବିନା ପରମିଟ, ଫିଟନେସ୍‌ରେ ପରିଚାଳକ ଚଳାଉଛନ୍ତି ବସ୍
- ବିଳମ୍ବିତ ରାତିରେ ହଟିଲା ରାସ୍ତାରୋକୋ

ଫୁଲବାଣୀ, ୨।୩ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ତୁମୁଡିବନ୍ଧରେ ରାଜ୍ୟ ସଡକ ପରିବହନ ନିଗମ (ଓଏସ୍ଆରଟିସି) ବସ୍ ଦୁର୍ଘଟଣାରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ ପରେ ବିଭାଗର କଳା କାରନାମା ପଦାକୁ ଆସିଛି । ଯେଉଁ ଗାଡି ଦୁର୍ଘଟଣା ଘଟାଇଛି ତାହା ଆଜିକୁ ବହୁ ଦିନ ହେଲା ବିନା ପରିମିଟ, ବିନା ଫିଟନେସରେ ଏହି ରୁଟ୍‌ରେ ଚାଲିଛି। ଫଳରେ ଓଏସ୍ଆରଟିସି ପରିଚାଳକ ଏହି ବସ୍ ଚଳାଇବାକୁ ନେଇଥିବା ନିଷ୍ପତ୍ତି ନେଇ ପ୍ରଶ୍ନ ଉଠିଛି । କେବଳ ଏହି ବସ୍ ନୁହେଁ, ଆହୁରି କେତେ ରୁଟରେ ଏଭଳି ବସ୍ ଚାଲିଥିବା ଅନୁମାନ କରାଉଛି ।

ଏ ନେଇ ଓଏସ୍ଆର୍‌ଟିସି ପରିଚାଳକ ଅଭିଷେକ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛେ, ଗାଡିର ଫିଟନେସ ପାଇଁ ଆମେ ଆବେଦନ କରିଛୁ । ଯେଉଁ ବସ୍‌ଟି ଏହି ରୁଟ୍‌ରେ ଚାଲୁଥିଲା ତାହା ଖରାପ ଅଛି । ଏଥିଯୋଗୁ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ବହୁ ଲୋକ ଆମକୁ ଉକ୍ତ ରୁଟ୍‌ରେ ବସ୍ ଚଳାଇବାକୁ ଦାବି କରିବାରୁ ଆମେ ସ୍ପେୟାର ଗାଡି ଦେଇଥିଲୁ। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ଏଭଳି ନିଷ୍ପତ୍ତି ନେଇଥିଲୁ । ମୃତକଙ୍କ ପରିବାର କିପରି କ୍ଷତିପୂରଣ ପାଇବେ ତାହା ସରକାର ନିଷ୍ପତ୍ତି ନେବେ ବୋଲି ସାମନ୍ତରାୟ କହିଛନ୍ତି। ତେବେ ବିଭାଗକୁ ନ ଜଣାଇ ଏଭଳି ନିଷ୍ପତ୍ତି ନେବା କେତେଦୂର ଠିକ୍ ବୋଲି ପଚାରିବାରୁ ସେ ନୀରବ ରହିଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଶିଶିର ସାହୁଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ, ଗାଡିର ଫିଟନେସ ପରିମିଟ ନ ଥିଲେ ଗାଡି ଗଡିବା କଥା ନୁହେଁ। ଆମେ ଗାଡିର କାଗଜପତ୍ର ଯାଞ୍ଚ କରିବୁ । ଏହା ଉପରେ ମାମଲା ରୁଜୁ ହେବ ବୋଲି ସେ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ଉସାବାଲିଅଙ୍ଗନୱାଡିକର୍ମୀ ଲତା ମଝିଆସେଟ ଅଙ୍ଗନୱାଡି କେନ୍ଦ୍ରରେ ନିଜ କାର୍ଯ୍ୟ ସାରି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟକୁ ଯିବାକୁ ଶନିବାର ତୁମୁଡିବନ୍ଧ ଆମ୍ବେଡକର ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ବେଲଘରରୁ ଫୁଲବାଣୀ ଯାଉଥିବା ଓଏସ୍ଆର୍‌ଟିସି ବସ୍ (ଓଆର ୧୨-୭୦୨୭) ଦ୍ରୁତ ଗତିରେ ଆସି ସ୍ନେହଲତାଙ୍କ ଉପରେ ମାଡି ଯାଇଥିଲା । ପରିବାର ଓ ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବିରେ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ପରିବାର ଲୋକେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ । ପ୍ରଶାସନିକ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ନିଜ ଜିଦିରେ ଅଟଳ ଥିଲେ। ରାତି ୯ଟାଯାଏ ରାସ୍ତାରୋକୋ ଆନ୍ଦୋଳନ ଚାଲିଥିଲା। ପରେ ସ୍ଥାନୀୟ ବିଧାୟକ ୫୦ ହଜାର, ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁ ୫୦ ହଜାର, ଜିଲା ରେଡକ୍ରସରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ମିଳିବା ପରେ ରାସ୍ତାରୋକୋ ବିଳମ୍ବିତ ରାତିରେ ହଟିଥିଲା।

# ପୁରୁଣାପାଣିରେ ବିକାଶ ଅପହଞ୍ଚ

ଆର. ଉଦୟଗିରି, ୨।୩(ମନୋଜ କୁମାର ପାଢୀ)

ଗଜପତି ଜିଲାର ଦୁର୍ଗମ ଅଞ୍ଚଳରେ ଅନେକ ପଞ୍ଚାୟତ ରହିଛି। ଏଯାଏ ବିକାଶ ଅପହଞ୍ଚ ହୋଇ ରହିଛି। ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି ଏପରି ଅନେକ ଗାଁ। ଯେଉଁଠିକୁ ପହଞ୍ଚିନି ସରକାରୀ ଯୋଜନା। ଫଳରେ ସମ୍ପୃକ୍ତ ଅଞ୍ଚଳବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଦିନ କାଟୁଛନ୍ତି। ସେହି ଗାଁଗୁଡିକ ହେଲା ଜିଲାର ଆର.ଉଦୟଗିରି ବ୍ଲକ ପୁରୁଣା ପାଣି ପଞ୍ଚାୟତର ମୁନିଗଡିଅ,ଲମ୍ବା ଗୁଡ଼ା, ଆଲାରା ଓ ରାମଗୁଡ଼ା। ରାସ୍ତା, ବିଦ୍ୟୁତ୍, ଆବାସ ଘର ପାନୀୟ ଜଳ ସହ ଅନ୍ୟାନ୍ୟ ସୁବିଧା ଏପର୍ଯ୍ୟନ୍ତ ହୋଇପାରିନି ଲୋକଙ୍କ ପାଇଁ। ପାନୀୟ ଜଳ କହିଲେ କେଉଁଠି ନଦୀ ପାଣି ଭରସା ତ କେଉଁଠି କୂଅ । ଖରାଦିନେ ଶୁଖିଯାଏ ଏହି ଜଳ ଉତ୍ସ। ଭଲ ରାସ୍ତାଟିଏ ନ ଥିବାରୁ କଚ୍ଚା ରାସ୍ତା ଦେଇ ଲୋକେ ଯାତାୟାତ କରନ୍ତି। ଶିକ୍ଷା, ସ୍ୱାସ୍ଥ୍ୟସେବା ପାଇଁ କିଛି ବ୍ୟବସ୍ଥା ନାହିଁ। ଶିକ୍ଷାଲାଭ ପାଇଁ ସୁବିଧା ନ ଥିବା ହେତୁ କୋମଳମତି ଶିଶୁମାନେ ନିଜ ଭବିଷ୍ୟତକୁ ଅନ୍ଧାରକୁ ଫିଙ୍ଗି ଦେଇ ପ୍ରତ୍ୟହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସମୟ କାଟନ୍ତି। ପଞ୍ଚାୟତ ମାଧମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହେଉଥିବା କୁହାଯାଉଥିଲେ ମଧ ବାସ୍ତବ କ୍ଷେତ୍ରରେ ତାହା କାଗଜକଲମରେ ସୀମିତ ରହିଛି। ଲୋକଙ୍କ ପାଇଁ ଆବାସ ଘର ପାଲଟିଛି ସ୍ୱପ୍ନ। ଝାଟି ମାଟିରେ ତିଆରି ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଗ୍ରାମବାସୀ । ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରୁଛନ୍ତି।

# କଳିଙ୍ଗା ଘାଟିରେ ଓଲଟିଲା ପରିବା ବୋଝେଇ ପିକ୍‌ଅପ୍

## ୨ ମାସରେ ୬ ଦୁର୍ଘଟଣା, ପ୍ରଶାସନ ନୀରବ

ଜି.ଉଦୟଗିରି/ଭଞ୍ଜନଗର, ୨।୩
(ଚିନ୍ମୟ କୁମାର ସେଠୀ/ବାବୁଲା ପ୍ରଧାନ)



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ରବିର ଅପରାହ୍ନରେ ପରିବା ବୋଝେଇ ପିକ୍‌ଅପ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଚଳିତ ବର୍ଷ ୨ମାସ ଭିତରେ କଳିଙ୍ଗା ଘାଟିରେ ୬ଟି ଦୁର୍ଘଟଣା ଘଟିଥିବା ବେଳେ ଜିଲା ପ୍ରଶାସନ ଓ ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ପ୍ରଶାସନ ତରଫରୁ ଘାଟିରେ ଦୁର୍ଘଟଣା ଏଡ଼ାଇବା ପାଇଁ କୌଣସି ତତ୍ପରତା ଦେଖିବାକୁ ମିଳୁନି। ଯାହାକୁ ନେଇ ଅଞ୍ଚଳରେ ଆଲୋଚନା ହେଉଛି। ରବିବାର ବ୍ରହ୍ମପୁର ଯାଉଥିବା ପରିବା ବୋଝେଇ ଟ୍ରକ୍‌ଟି ଦୁର୍ଘଟଣା ପରେ କିଛି ସମୟ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣାରେ ଡ୍ରାଇଭର ଏବଂ ହେଲପର ସୁରକ୍ଷିତ ଥିବା ଜଣାପଡ଼ିଛି। ଖବର ପାଇ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉକ୍ତ ଘାଟିର ବୁଲାଣି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ଜିଲା ଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଓ ଜନ ପ୍ରତିନିଧି ଅବଗତ ଥିବା ସତ୍ତ୍ୱେ କୌଣସି ସମାଧାନ ମୂଳକ ପଦକ୍ଷେପ ନିଆଯାଇ ନାହିଁ। ଦୁର୍ଘଟଣାର କାରଣ ଖୋଜି ତାହାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିବା ସହ ଠିକ୍ ଜାଗାରେ ଠିକ୍ ସୂଚନା ଫଳକ ଲଗାଯିବା ପୂର୍ବରୁ ସ୍ପିଡ୍ ବ୍ରେକର ତିଆରି କରିବା ପାଇଁ ଦାବି ହୋଇଛି।

# ଟ୍ରକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ବୁଗୁଡ଼ା, ୨।୩(କାଳିଚରଣ ଦାଶ)

ବୁଗୁଡ଼ା ନୂଆଁ ବସଷ୍ଟାଣ୍ଡ ଓ ସଙ୍ଗମ ହୋଟଲ ସମ୍ମୁଖସ୍ଥ ମୁଖ୍ୟରାସ୍ତାରେ ଟ୍ରକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବୁଗୁଡ଼ା ବ୍ଲକ୍ କାନକୁରୁ ଗ୍ରାମର ବିନାୟକ ସାହୁଙ୍କ ପତ୍ନୀ କନକ ସାହୁ (୬୧)। ଘଟଣାରୁ ପ୍ରକାଶ ଯେ, ରବିବାର ଅପରାହ୍ନରେ କନକ ବନ୍ଧୁଘର ବୁଗୁଡ଼ାକୁ ଆସି ସେଠାରୁ ତାଙ୍କ ଭାଇଙ୍କ ସ୍କୁଟିରେ ବସି ଗାଁକୁ ଫେରୁଥିବା ବେଳେ ସ୍ଥାନୀୟ ସଙ୍ଗମ୍ ହୋଟଲ ସମ୍ମୁଖ ମୁଖ୍ୟ ରାସ୍ତାରେ ସ୍କୁଟିରୁ ହଠାତ୍ ଖସି ପଡ଼ିଥିଲେ ଏବଂ ପଛରେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକର ଚକାତଳେ ଚାପି ହୋଇଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରୁ ଉଦ୍ଧାର କରି ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ସମ୍ପୃକ୍ତ ଟ୍ରକ(ନଂ ଓଆର୍-୦୭ ଏଲ୍ ୧୨୫୭)କୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଚାଳାଇଛି।

# ଖଇରପୁଟରେ ହେବ ଜେଏମ୍ଏଫ୍‌ସି କୋର୍ଟ

- ବୁଲିଦେଖିଲେ ଅଧିକାରୀ
- ଏପ୍ରିଲ ୧ରେ ଉଦ୍‌ଘାଟନ ଯୋଜନା

ଖଇରପୁଟ, ୨।୩(ଜଗନ୍ନାଥ ମାଝୀ )

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ ଜେଏମ୍ଏଫସି କୋର୍ଟ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଜିଲା ପ୍ରଶାସନ ତତ୍ପରତା ଦେଖାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଜିତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ କାର୍ତ୍ତିକ ନାୟକଙ୍କ ସହ ମାଲକାନଗିରି କୋର୍ଟର ବରିଷ୍ଠ ଅଧିକାରୀ ରବିବାର ଖଇରପୁଟ ପଞ୍ଚାୟତକୁ ଆସି କାର୍ଯ୍ୟାଳୟ ନିମନ୍ତେ ହେବାକୁଥିବା ଗୃହଗୁଡିକୁ ବୁଲି ଦେଖିଥିଲେ।


କୋର୍ଟ ସ୍ଥାପନ ନେଇ ଅଧିକାରୀମାନେ ପଞ୍ଚାୟତ ଗୃହ ବୁଲି ଦେଖୁଛନ୍ତି ।

ସୂଚନା ଅନୁଯାୟୀ, ଏପ୍ରିଲ ୧ରେ କୋର୍ଟ ଉଦ୍‌ଘାଟନ ହେବାକୁ ଥିବା ବେଳେ ଏ ନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଠାରେ କୋର୍ଟ ଆରମ୍ଭ ହେଲେ ବଡ଼ଗୁରଲ, ମାତାକାପଦର, ଗୋବିନ୍ଦପାଲି, କଦମଗୁଡା, ଖଇରପୁଟ, ଅଣ୍ଡରହାଲ,ମୁଦୁଲିପଡ଼ା,ରାସବେଡା ଓ ପୋତଘାଟ ପଞ୍ଚାୟତର ଶତାଧିକ ଲୋକେ ଉପକୃତ ହେବେ। ପୂର୍ବରୁ କୋର୍ଟ କାମ ପାଇଁ ଜିଲା ଓ ମାଥିଲି କୋର୍ଟ ଉପରେ ନିର୍ଭର କରୁଥିବାବେଳେ ବର୍ତ୍ତମାନ ଏଠାରେ କୋର୍ଟ ସ୍ଥାପନ ହେଲେ ଉକ୍ତ ପଞ୍ଚାୟତରେ ବାସ କରୁଥିବା ଲୋକେ ଉପକୃତ ହେବେ।

## ସଂକ୍ଷେପରେ

### କାର,ଟ୍ୟାଙ୍କର ଧକ୍କା: ଦମ୍ପତି ସୁରକ୍ଷିତ

କୋରାପୁଟ,୨।୩(ଅମିତାଭ ବେହେରା)

କୋରାପୁଟରୁ ଜୟପୁର ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଏକ କାରକୁ ତେଲ ଟ୍ୟାଙ୍କର ଧକ୍କା ଦେଇଥିବା ବେଳେ ଗାଡ଼ିରେ ବସିଥିବା ଦମ୍ପତି ଓ ଶିଶୁ ପୁତ୍ର ସୁରକ୍ଷିତ ରହିଛନ୍ତି। କୋଟପାଡ଼ର ସିଦ୍ଧାନ୍ତ ତୁଳ, ସ୍ତ୍ରୀ ସ୍ମିତା ବିଷୋୟୀ ଓ ୬ ବର୍ଷର ଶିଶୁ ପୁତ୍ରକୁ ଧରି କାର(ଓଡି-୦୨-ବିଶି-୬୭୪୩)ରେ ପଟ୍ଟାଙ୍ଗି ଡାକ୍ତରଙ୍କ ପାଖକୁ ଯାଉଥିବା ବେଳେ କୋରାପୁଟରୁ ଜୟପୁର ଆଡ଼କୁ ଯାଉଥିବା ତେଲ ବୋଝେଇ ଟ୍ୟାଙ୍କର(ସିଜି-୦୭ବିଏମ୍-୨୫୭୦) ବଘେଇ ପଦର ଛକ ନିକଟରେ ସାମ୍ନାରୁ ଧକ୍କା ଦେଇଥିଲା। କାରରେ ଥିବା ସିଦ୍ଧାନ୍ତ ଓ ପରିବାର ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ମିତାଙ୍କ ହାତରେ କାଚ ପଶିଯିବାରୁ ସେ ଆହତ ହୋଇଥିଲେ। ସେମାନଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କୋରାପୁଟ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଟ୍ୟାଙ୍କର ଡ୍ରାଇଭର ଫେରାର ହୋଇଥିଲେ।

### ବିଶ୍ୱନାଥପୁର ଓ ମନ୍ତ୍ରୀଡି ପଞ୍ଚାୟତରେ କିଶୋରୀ, କିଶୋର ମେଳା

ଗୋପାଳପୁର,୨।୩(ନବୀନ ରାଜ ଆଚାରୀ)

ଆଇସିଡିଏସ୍ ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ୍ ବିଶ୍ୱନାଥପୁର ଓ ମନ୍ତ୍ରୀଡି ପଞ୍ଚାୟତରେ କିଶୋରୀ ଓ କିଶୋର ମେଳା ଅନୁଷ୍ଠିତ ହୋଇଛି। ମନ୍ତ୍ରୀଡି ଗ୍ରାମ ସ୍ଥିତ ମିଶନ ଶକ୍ତି ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ସିଏଚ୍ ଉଷା ରାଣୀ, ରଙ୍ଗେଇଲୁଣ୍ଡା ସିଡ଼ିପିଓ ସଂଘମିତ୍ରା ମିଶ୍ର, ସୁପରଭାଇଜର ସରସ୍ୱତୀ ବେହେରା, ସରପଞ୍ଚ ଦମୟନ୍ତୀ ରେଡି ଓ ସମିତି ସଭ୍ୟ ବିଷ୍ଣୁପ୍ରିୟା ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବାଲ୍ୟ ବିବାହ ଦୂରୀକରଣ, ଲିଙ୍ଗ ଭେଦ ଭାବ ଉପରେ ସଚେତନ କରାଯାଇଥିଲା। ପୁଷ୍ଟିକର ଖାଦ୍ୟର ଫଳ ମୂଳ ମେଳାରେ ପ୍ରଦର୍ଶନ କରାଯାଇଥିଲା। ଝୋଟି, ବକ୍ତୃତା, ସଂଗୀତ, ନାଚ ଓ ଅନ୍ୟ ପ୍ରତିଯୋଗିତାରେ ଭାଗନେଇଥିବା କିଶୋରୀ ଓ କିଶୋର ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

### 'ଫିଟନେସ କି ଡୋଜ୍ ଅଧା ଘଣ୍ଟା ରୋଜ୍' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨।୩(ଗିରିଧାରୀ ପରିଛା)

ଜିଲା ପ୍ରଶାସନ ପକ୍ଷରୁ ରବିବାର 'ଫିଟନେସ କି ଡୋଜ ଅଧା ଘଣ୍ଟା ରୋଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ହୋଇଥିଲା। ଫିଟ୍‌ନେସ୍ ରହିବା ଲାଗି ବାର୍ତ୍ତା ପ୍ରଚାର ନେଇ ଆୟୋଜିତ ଏହି ସଚେତନତାମୂଳକ କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ କୁମାର ଦାସ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶରୀରକୁ ସୁସ୍ଥ ରଖିବା ପାଇଁ ସବୁ ପିଢ଼ି ପ୍ରତ୍ୟହ ଦିନକୁ ନିଜ ପାଇଁ ଅଧା ଘଣ୍ଟା ସମୟ ଦେବା ଏବଂ ଏହି ସମୟରେ ଶାରୀରିକ ବ୍ୟାୟାମ କରିବାକୁ ବାର୍ତ୍ତା ପ୍ରଚାର କରାଯାଇଥିଲା।

# ୨୦୩୬ ସୁଦ୍ଧା ରାଜ୍ୟକୁ ବିକଶିତ ଲକ୍ଷ୍ୟରେ ବଜେଟ ହୋଇଛି:ମନ୍ତ୍ରୀ

କୋରାପୁଟ,୨।୩(ଅମିତାଭ ବେହେରା)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅନ୍ୟମାନେ।

କୋରାପୁଟକୁ ଦିନିକିଆ ଗସ୍ତରେ ଆସି ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥାନୀୟ ଅଲିଶାନ ହୋଟେଲରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପ୍ରଥମ ବଜେଟରେ ୨୦୩୬ ସୁଦ୍ଧା ରାଜ୍ୟକୁ ସମସ୍ତ ଦିଗରେ ଉନ୍ନତି ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ବ୍ୟବସ୍ଥା କରାଯାଇଛି ବୋଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏ ନେଇ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ କରାଯାଉଥିବା ବୟାନବାଜିକୁ ମନ୍ତ୍ରୀ ମଲ୍ଲିକ ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ ଉପସ୍ଥାପନ କରିଥିବା ମନ୍ତ୍ରୀ ମଲ୍ଲିକ କହିଛନ୍ତି। ବଜେଟରେ କୃଷକ ଓ ମହିଳାମାନଙ୍କ ଆର୍ଥିକ ଉନ୍ନତି ନେଇ ବିଶେଷ ଧ୍ୟାନ ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜିନିବେଶ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ ଓ କ୍ରୀଡ଼ା ଆଦି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। କୋରାପୁଟରୁ ମୋହନା ଯାଏ ରାସ୍ତାର ଉନ୍ନତି ନେଇ ଅର୍ଥ ବ୍ୟବସ୍ଥା କରାଯାଇଛି। କୋରାପୁଟ ସହ ରାଜ୍ୟର ସମସ୍ତ ଜିଲାରେ ଉତ୍ପାଦିତ ସାମଗ୍ରୀ ଓ ପନିପରିବାକୁ ରଖିବା, କୃଷକଙ୍କ ଉତ୍ପାଦିତ ବିଭିନ୍ନ ସାମଗ୍ରୀକୁ ସାଇତି ରଖି ପରବର୍ତ୍ତୀ ସମୟରେ ଏହାକୁ ବିକି ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ରାଜ୍ୟର ୫୮ଟି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା ଓ ପ୍ରତି ଗ୍ରାମାଞ୍ଚଳରେ ମଡେଲ ମଣ୍ଡି ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଛନ୍ତି। ଏଥିରେ ରାଜ୍ୟ ଭାଜପା ସମ୍ପାଦିକା ପୂର୍ଣ୍ଣିମା ମାଝୀ, ଜିଲା ଭାଜପା ସଭାପତି ଶିବ ମୁଦୁଲି, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଭାଜପାର କାଳିରାମ ମାଝୀ ଓ ତେଜେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ପୁଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲୋଡିଲେ ମା'

ଦାମନଯୋଡ଼ି,୨।୩ (ମାନସ ରଞ୍ଜନ କର)


ଚିକିତ୍ସାଧୀନ ସୌମ୍ୟରଞ୍ଜନ।

ଦାମନଯୋଡି ନାଲ୍‌କୋ ଟାଉନଶିପ ସେକ୍ଟର-୨ ବାସିନ୍ଦା ବବିତା ପଣ୍ଡା ଦୁର୍ଘଟଣାରେ ଗୁରୁତର ହୋଇଥିବା ତାଙ୍କ ପୁଅ ସୌମ୍ୟରଞ୍ଜନଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲୋଡିଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ୨୬ରେ ସୌମ୍ୟରଞ୍ଜନ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ବିଶାଖାପାଟଣାସ୍ଥିତ ସେଭେନ ହିଲ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ମୁଣ୍ଡ ଓ ଫୁସଫୁସରେ ଆଘାତ ଲାଗିଥିବା ଜଣାପଡିଛି। ଚିକିତ୍ସା ପାଇଁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଆର୍ଥିକ ଅଭାବ ପୁଅଙ୍କ ଚିକିତ୍ସାରେ ବାଧକ ସାଜିଥିବା ବବିତା କହିଛନ୍ତି। ସୌମ୍ୟରଞ୍ଜନ ଦାମନଯୋଡ଼ି ଏସ୍‌ଭିଏମ୍‌ରେ ୧୦ମ ଶ୍ରେଣୀର ଛାତ୍ର ଥିବାବେଳେ ବବିତା ସ୍ଥାନୀୟ ଏକ ଲୁଗା ଦୋକାନରେ କାମ କରୁଛନ୍ତି। ପୁଅ ଚିକିତ୍ସା ପାଇଁ ବବିତା ଜିଲା ପ୍ରଶାସନ ଓ ସହୃଦୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା କରିବାକୁ ଅନୁରୋଧ କରିଛନ୍ତି। ସୌମ୍ୟରଞ୍ଜନଙ୍କ ଚିକିତ୍ସା ପାଇଁ ଫୋନ୍ ପେ ନଂ. ୮୮୪୭୮୨୭୯୮୦ରେ ଆର୍ଥିକ ସହାୟତା ଦେବାକୁ ବବିତା ନିବେଦନ କରିଛନ୍ତି।

## କଡ଼ିଙ୍ଗା ମାଳି ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚିତ



ବୈଠକରେ ଉପସ୍ଥିତ କଡ଼ିଙ୍ଗା ମାଳି ସୁରକ୍ଷା ମଞ୍ଚର ସଦସ୍ୟ ଓ ଗ୍ରାମବାସୀ।

ଲକ୍ଷ୍ମୀପୁର,୨।୩(ଅନନ୍ତ ନାୟକ)

କଡିଙ୍ଗା ମାଳି ତଥା ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକ୍‌ର ୧୫ ଗ୍ରାମର ଗ୍ରାମବାସୀଙ୍କୁ ନେଇ ଝଲାଗୁଡ଼ା ଗ୍ରାମରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଡ଼ିଙ୍ଗା ମାଳି ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଛି। କଡିଙ୍ଗା ମାଳି ପ୍ରଭାବିତ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତି ହୋଇଥିଲା। ସୁରକ୍ଷା ମଞ୍ଚର ସଭାପତି ପ୍ରଦୀପ କୁମାର ବାଘଙ୍କ କାର୍ଯ୍ୟରେ ଅବହେଳା ସହ ସାଂଗଠନିକ ଦୁର୍ବଳତାରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ସର୍ବସମ୍ମତିରେ କାଶୀନାଥ ମିଣିଆକାଙ୍କୁ ସଭାପତି, ଉପସଭାପତି ଭାବେ ନିରଞ୍ଜନ ଖରା ଓ ମହେନ୍ଦ୍ର କ୍ଷତ୍ରିୟଙ୍କୁ ଚୟନ କରାଯାଇଛି। ସମ୍ପାଦକ ଭାବେ ମନୋଜ କୁମାର ମୁଦୁଲି, ସାଧାରଣ ସମ୍ପାଦକ ଭାବେ ଅର୍ଜୁନ ହିକ୍କା,ବଳରାମ ମଣ୍ଡିଙ୍ଗା, ଲକ୍ଷ୍ମୀ ସୌନ୍ତା ଓ ପ୍ରସାଦ ମଣ୍ଡିଙ୍ଗାଙ୍କୁ ଚୟନ କରାଯାଇଛି। ଅର୍ଜୁନ ମିଣିଆକା ଓ ଅଖିଳ ମିଣିଆକାଙ୍କୁ କୋଷାଧକ୍ଷ ଦାୟିତ୍ୱ ଦିଆଯାଇଥିଲା। ଉପଦେଷ୍ଟା ଭାବେ କାହ୍ନୁଚରଣ କନ୍ଧୋପାନ୍, କଣ୍ଠ ହିକକା, ବାବୁଲା ମହାରଣା,ସମ୍ଭୁରୁ ହିକକା, ଯୋହନ ହିଆଲ୍,ରୋହନ ଚେଚ୍ଚି,ମୁଗା ମିଣିଆକା, ବଳ ମୁଦୁଲି, କୁମାର ମୁଦୁଲି, ରାଜି ହିକକା ଓ କ୍ରିଷ୍ଣା ମିଣିଆକାଙ୍କୁ ଚୟନ କରାଯାଇଛି। ଆଗାମୀ ଦିନରେ କଡିଙ୍ଗା ମାଳି ପ୍ରଭାବିତ ଅଞ୍ଚଳର ବିକାଶ ସହ ସଂଗଠନ ସୁଦୃଢ଼ କରିବାକୁ ସମସ୍ତେ ଶପଥ ପାଠ କରିଥିଲେ।

## କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଚିକିଟି,୨।୩(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ଚାନ୍ଦପୁର ବଜାରରେ ରବିବାର ସିଦ୍ଧି ବିନାୟକ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ନୂଆପଡା ଶ୍ରୀ ବାଲାଜୀ ମହାବିଦ୍ୟାଳୟ ଅଧ୍ୟାପକ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରଶାଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡଭାର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ପାତ୍ର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ନୂଆପଡା ଶ୍ରୀ ବାଲାଜୀ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତିର୍ମୟୀ ବଡ ଜେନା ଓ ତୃପ୍ତି ମୟୀ ପ୍ରଧାନ ଯୋଗ ଦେଇ କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ଅଂଶ ବୋଲି କହିଥିଲେ। କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ସରୋଜ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜୟପୁର,୨।୩(ପବନ ପାଣିଗ୍ରାହୀ)

ଜୟପୁର ଡାଇଟ୍ ସ୍କୁଲ ପରିସରରେ ପୂଜ୍ୟପୂଜା ସଂସଦର ୨୭ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.ସଂଯୁକ୍ତା ପଣ୍ଡା ଯୋଗ ଦେଇଥିଲେ। ପୂଜ୍ୟପୂଜାର ବିକଳ୍ପ ନାହିଁ ବୋଲି ସେ କହିଥିଲେ। କୋରାପୁଟ ସରକାରୀ ମହାବିଦ୍ୟାଳୟ ଓଡିଆ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ଡ. ଲୋପାମୁଦ୍ରା ସ୍ୱାଇଁ ପଠନ ପାଇଁ ପାଠାଗାର ସହ ପାଠକୀୟ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଆକାଶବାଣୀର କାର୍ଯ୍ୟରତ ଉଦ୍‌ଘୋଷକ ରଞ୍ଜନ ବେହେରାଙ୍କୁ ସାହିତ୍ୟ ଓ ଯୋଗ ଗୁରୁମା ଜାନକୀ ପାଣିଗ୍ରାହୀଙ୍କୁ ସମାଜସେବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୌରବଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାହିତ୍ୟ ତୁଙ୍ଗିରେ ଡାଇଟ୍‌ର ଅଧ୍ୟକ୍ଷ ଡ. ଯୁଗଳ କିଶୋର ମିଶ୍ର ଯୋଗ ଦେଇଥିଲେ। ସାହିତ୍ୟ ରସର ଭଣ୍ଡାର ବୋଲି ସେ କହିଥିଲେ। ଉପସଭାପତି ତପନ କିରଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୁଷ୍ପାଞ୍ଜଳୀ ସାହୁ ଓ ପ୍ରୀତି କାଞ୍ଚନ ସାହୁ ସଂଯୋଜନା କରିଥିଲେ।

## ଏଟିଏମ୍ ଅଚଳ, ଗ୍ରାହକ ଅସନ୍ତୋଷ

କୋରାପୁଟ,୨।୩(ଅମିତାଭ ବେହେରା)



ଏଟିଏମ୍ ସାମ୍ନାରେ ଗ୍ରାହକଙ୍କ ଭିଡ଼ ।

କୋରାପୁଟ ସହରରେ ୧୫ ଦିନରୁ ଊର୍ଦ୍ଧ୍ୱ ଦିନ ହେବ ସମସ୍ତ ଏଟିଏମ୍ ବନ୍ଦ ରହିଥିବାରୁ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟାଙ୍କରୁ ଭିଡ଼ କମାଇବା ସହ ହିତାଧିକାରୀଙ୍କ ସୁବିଧା ପାଇଁ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୁଖ୍ୟ ବ୍ରାଞ୍ଚ, ଜିଲାପାଳଙ୍କ କାର୍ଯ୍ୟାଳୟ, ଶହୀଦ ଲକ୍ଷ୍ମଣ ନାୟକ ଭେସଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ରେଲୱେ ଷ୍ଟେସନ ଆଦି ବିଭିନ୍ନ ସ୍ଥାନରେ ଏଟିଏମ୍ ସ୍ଥାପନ କରାଯାଇଥିଲା। କିନ୍ତୁ ସମସ୍ତ ଏଟିଏମ୍ ଅଚଳ ରହିଥିବାରୁ ଲୋକେ ଜରୁରୀ ସମୟରେ ଟଙ୍କା ଉଠାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚିକିତ୍ସା ପାଇଁ ଆସୁଥିବା ବ୍ୟକ୍ତିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ବ୍ୟାଙ୍କ ସମୟରେ ମୁଖ୍ୟ ବ୍ରାଞ୍ଚ ଏଟିଏମ୍ ଚାଲୁ ରଖି ନୀରବ ରହିବା ନେଇ ଅସନ୍ତୋଷ ବଢ଼ିଛି। ମୁଖ୍ୟ ବ୍ରାଞ୍ଚ ଏଟିଏମ୍‌ରେ ଗ୍ରାହକଙ୍କ ଭିଡ଼ ଜମିବାରୁ ଶ୍ରୀଘ୍ର ଟଙ୍କା ସରିଯାଉଛି। ଫଳରେ ଗ୍ରାହକ ଟଙ୍କା ଉଠାଇ ନ ପାରି ନିରାଶ ହୋଇ ଫେରୁଥିବା ଅଲିଭା ବେହେରା କହିଛନ୍ତି। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍‌ଗୁଡ଼ିକ କାର୍ଯ୍ୟକ୍ଷମ ନେଇ ତୁରନ୍ତ ପଦକ୍ଷେପ ନ ନେଲେ ବାଧ ହୋଇ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ସେ କହିଛନ୍ତି।

## ଆଜିଠୁ ଏଲ୍‌ଆଇ, ଫରେଷ୍ଟର ଚାକିରି ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା

ଛତ୍ରପୁର,୨।୩(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ଠାରେ ଓଡିଶା ସବଓଡ଼ିନେଟ ଷ୍ଟାଫ ସିଲେକ୍ସନ କମିଶନ ପକ୍ଷରୁ ଲାଇଭଷ୍ଟକ ଇନ୍ସପେକ୍ଟର (ଏଲ୍‌ଆଇ), ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ ମାନଙ୍କର ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେବ। ସୋମବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ସକାଳ ୭ଟାରେ ଏହି ଶାରିରୀକ ପରୀକ୍ଷା ହେବ। ଖରାକୁ ଦୃଷ୍ଟିରେ ରଖି ପ୍ରାର୍ଥୀମାନେ ଚାଲିବା ପରୀକ୍ଷା ସମୟରେ ଛତା କିମ୍ବା ଟୋପି ପରିଧାନ କରି ଚାଲିବା ନିମନ୍ତେ କମିଶନର ଅନୁମତି ଦେଇଥିବା ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି ଚୟନ ପରୀକ୍ଷା ନିମନ୍ତେ ଆସୁଥିବା ପ୍ରାର୍ଥୀମାନଙ୍କୁ ଅବଗତ କରାଇଛନ୍ତି।

## ଫାଣ୍ଡି ପ୍ରତିଷ୍ଠା ଦାବି କଲେ ଅଞ୍ଚଳବାସୀ


ଟାଉନ ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଜୟପୁର,୨।୩(ପବନ ପାଣିଗ୍ରାହୀ)

**ଜୟନଗର ବାସିନ୍ଦାଙ୍କ ସହ ଥାନା ଅଧିକାରୀଙ୍କ ଆଲୋଚନା**

ଜୟପୁର ଜୟନଗର ଅଞ୍ଚଳରେ ଟାଉନ ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଜୟନଗର ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢୁଥିବାରୁ ଏଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଜୟନଗର ଦେଇ ମାଲବାହୀ ଟ୍ରକ୍ ଚଳାଚଳକୁ ବନ୍ଦ କରିବାକୁ ଓ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି କରିଥିଲେ। ଥାନା ଅଧିକାରୀ ତାଣ୍ଡି ସମସ୍ତ ଅଭିଯୋଗକୁ ଗୁରୁତର ସହ ନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଜଳବାୟୁ ପରିବର୍ତ୍ତନରେ ଚାଷୀ ଜାଗ୍ରତ ରହିବାକୁ ଆହ୍ୱାନ

ଜୟପୁର,୨।୩(ପବନ ପାଣିଗ୍ରାହୀ)

**ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା**

ଜୟପୁର ଦଶହରା ପଡିଆରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ତୃତୀୟ ଦିନରେ ପହଞ୍ଚିଛି। ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ଶସକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଯୋଗ ଦେଇଥିଲେ। ଜଳବାୟୁ ପରବର୍ତ୍ତନ ହେଉଥିବାରୁ ଚାଷୀ ଜାଗ୍ରତ ରହିବାକୁ ସେ ସଚେତନ କରିବା ସହ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ମୁଖ୍ୟ ଜିଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, କୋରାପୁଟ ବିଭାଜନ କୃଷି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, କୃଷି ଜିଲା ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ, ବିଡିଓ ଶକ୍ତି ମହାପାତ୍ର ଓ ତହସିଲଦାର ସବ୍ୟସାଚୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ଦିନରେ ଜିଲାର ଦଶମନ୍ତପୁର, କୋଟପାଡ଼ ଓ ଲକ୍ଷ୍ମୀପୁର ବ୍ଲକ୍‌ର ଶ୍ରେଷ୍ଠ ୧୧ ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଦଶମନ୍ତପୁରର ଚାଷୀ ଉମ୍ବରୁଧର ଜାନୀ, ଲକ୍ଷ୍ମୀ ଚନ୍ଦ୍ର ମାଳି, ସୁଶାନ୍ତ କୁମାର ହିୟାସ ଓ ଲକ୍ଷ୍ମୀ ଚପାଡୀଙ୍କୁ ସମ୍ମାନିତ କରାଯାଇଥିଲା। କୋଟପାଡ଼ର ତ୍ରିନାଥ ଗାଦବା, ସୁଭେନ୍ଦୁ ପାତ୍ର, ରବିନ୍ଦ୍ର ନାଥ ପ୍ରହରାଜ, ସିମାଞ୍ଚଳ ନାୟକ, ଲକ୍ଷ୍ମୀପୁରର ପୁରୁଷୋତ୍ତମ ଲମତା, ବିଷ୍ଣୁ ଚନ୍ଦ୍ର ବିଷୋୟୀ, ତ୍ରିନାଥ ବିଷୋୟୀ ଓ ସାବିତ୍ରୀ ମଡିଙ୍ଗାଙ୍କୁ ଅତିଥି ସମ୍ମାନିତ କରିଥିଲେ। ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ସହାୟତାର ସଚେତନତା, କୃଷି ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ପାଇଁ ଆଗ୍ରୀମ ତତ୍‌କାଳୀନ ବୁକିଂ ବ୍ୟବସ୍ଥା ରହିଛି। ମେଳାରେ ୧୦୦ ଷ୍ଟଲ ଖୋଲାଯାଇଥିଲା। ଓରାମସର ବିଭାଗ, ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ ଓ ପ୍ରାଣୀ ବିଭାଗର ଷ୍ଟଲ ଖୋଲାଯାଇ ଚାଷୀଙ୍କୁ ତାଲିମ ପ୍ରଦାନ ସହ ଯନ୍ତ୍ରପାତି କ୍ରୟ ପାଇଁ ଋଣ ସୁବିଧା କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥି ଜଣେ ଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

## ନିମ୍ନମାନର ବ୍ରିଜ୍ କାମ ଅଭିଯୋଗ

ସୁନାବେଡା/ସେମିଳିଗୁଡା,୨।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


ନିମ୍ନମାନର କାମଯୋଗୁ ବ୍ରିଜ୍‌ର କଂକ୍ରିଟ୍ ଉଠିଯାଇଛି ।

କୋରାପୁଟ ପୂର୍ତ୍ତ ବିଭାଗର ପଟ୍ଟାଙ୍ଗି ଉପଖଣ୍ଡ ଅଧୀନ ନନ୍ଦପୁର ସେକ୍ସନର ନୀଳଦୋରା ପୁଟଗାଁ ନିକଟରେ ବିଭାଗ ପକ୍ଷରୁ ବ୍ରିଜ ନିର୍ମାଣ କରାଯାଇଛି। ଏହାକୁ ବର୍ଷେ ପୂରି ଥିବାବେଳେ ରାସ୍ତା କଂକ୍ରିଟ୍ ଉଠି ଲୁହାରଡ୍ ବାହାରି ଯାଇଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜୟପୁର-ବିଶାଖାପାଟଣାକୁ ସଂଯୋଗ କରୁଥିବା ଏହା ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଗାଡ଼ି ଯାତାୟାତ କରୁଥିବା ବେଳେ ଏହି ବ୍ରିଜ ଉପରେ କେତେକ ଗାଁର ଲୋକେ ନିର୍ଭର କରନ୍ତି। କିନ୍ତୁ କିଛି ମାସ ମଧ୍ୟରେ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏହାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କାରଣ ଦିନ କେଇଟାରେ ବ୍ରିଜ୍‌ର କଂକ୍ରିଟ ଛାଡି ଲୁହା ଛଡ ଦେଖାଗଲାଣି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠିକା ସଂସ୍ଥା ଦ୍ୱାରା ୨୦୨୩ରେ ବ୍ରିଜର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା କେତେକ ଲୋକେ କହିଛନ୍ତି। କିନ୍ତୁ ରାସ୍ତାରୁ କଂକ୍ରିଟ ଉଠି ଗାତ ହୋଇଥିବାରୁ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେବା ସମ୍ଭାବନା ରହିଛି। ନିର୍ମାଣ ସମୟରେ ତତ୍‌କାଳୀନ ଅଧୀକ୍ଷଣ ଯନ୍ତ୍ରୀ ତଥା ପଟ୍ଟାଙ୍ଗି ଉପଖଣ୍ଡ ଏସ୍‌ଡିଓଙ୍କ କାର୍ଯ୍ୟର ତଦାରଖକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବ୍ରିଜ ନିର୍ମାଣ କାମ କରୁଥିବା ସଂସ୍ଥା ତଥା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଧାରା ତଦନ୍ତ ସାପେକ୍ଷ। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**ବର୍ଷେ ନ ପୂରୁଣୁ ଦିଶିଲାଣି ଲୁହା ରଡ୍**

ଏ ସମ୍ପର୍କରେ କୋରାପୁଟ ଆରଆଣ୍ଡବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକଙ୍କୁ ତାଙ୍କ ମୋବାଇଲ ନଂ. ୯୦୪୦୬୭୬୯୭୩ରେ ବାରମ୍ବାର କଲ୍ କରିଥିଲେ ସୁଦ୍ଧା ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

